The Odisha Gazette

EXTRAORDINARY
PUBLISHED BY AUTHORITY

No. 411 CUTTACK, MONDAY, FEBRUARY 29, 2016/FALGUNA 10, 1937

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଅଧିସୂଚନା

ତାରିଖ 10 ଫେବୃଆରୀ 2016

ସଂଖ୍ୟା 4593—RDM-LAC-DKNL-0019/2016-R&DM.—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଲି (ଦକ୍ଷିଣ କେନାଲ) ଜଳସେଚନ ଅନ୍ତର୍ଗତ ଦର୍ପଣି ଶାଖା କେନାଲ ନିର୍ମାଣ ନିମନ୍ତେ ମୌଜା ବାରବାଙ୍କ, ଥାନା ଢେଙ୍କାନାଳ ସଦର, ତହସିଲ ଢେଙ୍କାନାଳ ସଦର, ଜିଲ୍ଲା ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ 5.13 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ଦର୍ପଣି ଶାଖା କେନାଲ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲ ଡିଭିଜନ ନଂ. 3, ଖୁଣ୍ଟୁଣୀ, ଢେଙ୍କାନାଳ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଢେଙ୍କାନାଳ ।

୬ । ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଢେଙ୍କାନାଳ ସଦର | ବାରବାଙ୍କ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲି ଦକ୍ଷିଣ କେନାଲ ସିଷ୍ଟମ ଓ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ. III, ରେଙ୍ଗାଲି କେନାଲ ପ୍ରଣାଳୀଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

LAND SCHEDULE

| Sl. No. | Khata No. | Plot No. | Total Area | Acquired Area | Name of Rayat & Father's Name |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | | (in Ac.) | (in Ac.) | |
| 1 | 4 | 332 | 0.030 | 0.030 | ଶ୍ରୀ ନିଳକଣ୍ଠେଶ୍ୱର ମହାଦେବ ବିଜେ ନିଜଗାଁ ସେବାୟତ ଓଡ଼ିଶା |
| | | 333 | 1.490 | 1.490 | ସରକାର, ମା. ଅଧିକାରୀ ମହାପାତ୍ର, ପି. ଆର୍ତ୍ତବନ୍ଧୁ ମହାପାତ୍ର । |
| 2 | 8 | 292 | 0.330 | 0.260 | ଆଶାବତୀ ମୁଦୁଲୀ, ସ୍ୱା. ସଚ୍ଚିଦାନନ୍ଦ ମୁଦୁଲୀ |
| 3 | 12 | 330 | 0.140 | 0.020 | କପିଳ ରାଉତ, ପି. ରଘୁ ରାଉତ |
| 4 | 13 | 302/353 | 0.200 | 0.200 | କୁଳମଣୀ ସାହୁ, ପି. ନାରଣ ସାହୁ |
| 5 | 26 | 290 | 0.140 | 0.030 | ଜେମା କୁମାରୀ ରଣା, ସ୍ୱା. ଗଙ୍ଗାଧର ରଣା |
| 6 | 43 | 313 | 0.180 | 0.100 | ପଙ୍କଜିନୀ ନନ୍ଦ, ପି. ଲଳିତ ମୋହନ ନନ୍ଦ |
| 7 | 63 | 320 | 0.440 | 0.060 | ଭ୍ରମରବର ସାହୁ, ପି. ମନୁ ସାହୁ ଓଗେର |
| | | 323 | 0.400 | 0.100 | |
| 8 | 67 | 294 | 0.040 | 0.040 | ଭାସ୍କର ସାହୁ, ପି. ଅନର୍ଥ ସାହୁ ଓଗେର |
| | | 293/352 | 0.060 | 0.060 | |
| | | 299/354 | 0.180 | 0.010 | |
| 9 | 82 | 321 | 0.460 | 0.090 | ରସା ସାହୁ, ସ୍ୱା. ଗଙ୍ଗାଧର ସାହୁ |
| 10 | 89 | 329 | 1.230 | 1.230 | ଶଙ୍କର ସାହୁ, ପି. କେଳେଇ ସାହୁ |
| | | 331 | 0.260 | 0.170 | |
| 11 | 91 | 295 | 0.400 | 0.290 | ସଦାଶିବ ସାହୁ, ପି. ସୁରେନ୍ଦ୍ର ସାହୁ ଓଗେର |
| | | 316 | 0.270 | 0.040 | |
| 12 | 95 | 293 | 0.110 | 0.110 | ଶିଖର ସାହୁ, ପି. ଅନନ୍ତ ସାହୁ ଓଗେର |
| | | 302 | 0.320 | 0.220 | |
| 13 | 99 | 296 | 0.770 | 0.220 | ଶ୍ରୀଧର ସାହୁ, ପି. ଅନାଡି ସାହୁ ଓଗେର |
| 14 | 104/13 | 291 | 0.180 | 0.180 | ଜେମା କୁମାରୀ ରଣା, ସ୍ୱା. ଗଙ୍ଗାଧର ରଣା |
| 15 | 104/33 | 314 | 0.150 | 0.080 | ଆଦିକନ୍ଦ ମହାନ୍ତି, ପି. କପିଳ ମହାନ୍ତି |
| 16 | 104/48 | 293/351 | 0.100 | 0.100 | ଶେଷ ମହାପାତ୍ର, ପି. ଦୁର୍ଯ୍ୟୋଧନ ମହାପାତ୍ର |
| | | **Total** . . | **7.880** | **5.130** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସନାତନ ମଲ୍ଲିକ**

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1712—173+20